# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 April – 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ବ୍ରହ୍ମପୁର, କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ
- ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଜୋରଦାର୍
- ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ଦେଶରେ ପାଳିତ ହେଉଛି ଜାତୀୟ ପଞ୍ଚାୟତରାଜ ଦିବସ

ଏବଂ

- ରାଜ୍ୟରେ ଆଉ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମ ପ୍ରବାହ; ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଅନୁମାନ କଲା ପାଣିପାଗ ବିଭାଗ

# ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି । ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୦ଟି' ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ। ରାଜ୍ୟର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନପାଇଁ ମଇ ମାସ ୧୩ ତାରିଖରେ ଭୋଟ୍ ନିଆଯିବ।

ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଚାର କାର୍ଯ୍ୟ ଶେଷ ହେଉଛି। ଆସନ୍ତା ୨୬ ତାରିଖ ଶୁକ୍ରବାର ଦିନ ୧୨ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ଅଣାନବେ ଲୋକସଭା ଆସନରେ ଭୋଟ୍ ନିଆଯିବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ।

ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧ ହଜାର ୩୫୧ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି।

**ଇନ୍ସ୍ଟ୍ରୋ**

ରାଜ୍ୟର ସବୁ ସ୍ଥାନରେ ନିର୍ବାଚନ ନେଇ ରାଜନୈତିକ ବାତାବରରଣ ସରଗରମ ହୋଇ ଉଠୁଛି। ଦଳର ପ୍ରମୁଖ ନେତାମାନେ ସେମାନଙ୍କର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସଭା, ର୍‍ୟାଲି, ପଦଯାତ୍ରାର ଆୟୋଜନ କରୁଛନ୍ତି। ଅନ୍ୟପକ୍ଷରେ ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେପି ଏବଂ ବିଜେଡି ପକ୍ଷରୁ କେତେକ ଆସନ ପାଇଁ

ଘୋଷଣା ହୋଇନଥିବା ଆସନ ପାଇଁ ଦଳୀୟ ମୁଖ୍ୟାଳୟରେ ଆଶାୟୀ ପ୍ରାର୍ଥୀଙ୍କ ଭିଡ଼ ଜମିଥିବାର ଦେଖିବାକୁ ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଓଡ଼ିଶାରେ ନିର୍ବାଚନୀ ସଭାରେ ଯୋଗଦେବେ। ସେହିଭଳି ଆଜିଠାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦୁଇଟି ନିର୍ବାଚନୀ ସଭାରେ ଭାଗ ନେଇ ରାଜନୈତିକ ବାତାବରଣକୁ ଅଧିକ ସରଗରମ କରିଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଶେରଗଡ଼ ଠାରେ ମଧ୍ୟ ଏକ ସାଧାରଣ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତାକୁ ୧୦୦ ବର୍ଷ ପୂରଣ କରିବ। ସେତେବେଳକୁ ଓଡ଼ିଶା ଦେଶର ୧ ନମ୍ବର ରାଜ୍ୟ ହେବ। ରାଜନୀତି ବଦଳରେ ପ୍ରଗତିକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ସମ୍ବୋଧନରେ କହିଛନ୍ତି। ଶ୍ରୀମନ୍ଦିର ପ୍ରକଳ୍ପ, ସମଲେଇ ପ୍ରକଳ୍ପ ସହିତ ଅନ୍ୟ ଉନ୍ନୟନ ମୂଳକ ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକାଶକୁ ବିରୋଧ କରି ଉନ୍ନତି ଏବଂ ସଫଳତା ହାସଲ କରାଯାଇପାରିବ ନାହିଁ।

## ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ସୁବର୍ଣ୍ଣପୁର ଠାରେ ଦଳର ନିର୍ବାଚନ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି। ସୁବର୍ଣ୍ଣପୁର ଗସ୍ତ ଶେଷ କରି

ଶ୍ରୀ ଶାହା ଭୁବନେଶ୍ୱର ପହଞ୍ଚିବେ ଏବଂ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

## ବିଜେପି ଚାର୍ଜସିଟ୍

ଭାରତୀୟ ଜନତା ପାର୍ଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସାମ୍ବାଦିକମାନଙ୍କୁ କହିଛନ୍ତି, ରାଜ୍ୟ ସରକାରଙ୍କ ଅନ୍ୟାୟ, ଦୁର୍ନୀତି ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ମାତ୍ରାଧିକ ଭାବରେ ବୃଦ୍ଧି ପାଇଛି । ଦଳ ପକ୍ଷରୁ ବିଜେଡି ସରକାରଙ୍କ ବିରୋଧରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ପାନୀୟଜଳ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ପ୍ରସଙ୍ଗକୁ ଆଧାର କରି ଦଳ ପକ୍ଷରୁ ଏକ ଚାର୍ଜସିଟ୍ ଜାରି କରାଯାଇଛି ।

## ନିର୍ବାଚନ ସ୍ଥିତି-ବରଗଡ଼

ବରଗଡ଼ ଜିଲ୍ଲାରେ ଆସନ୍ତା ଲୋକସଭା ଏବଂ ୫ଟି ବିଧାନସଭା ଆସନ ପାଇଁ ମଇ ମାସ ୨୦ ତାରିଖରେ ଭୋଟ ଗ୍ରହଣ ହେବ । ଜିଲ୍ଲାରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ବରଗଡ଼ ଜିଲ୍ଲାରେ ନିର୍ବାଚନ ସ୍ଥିତି ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ରିପୋର୍ଟ...

**- V/O –**

## ଜାତୀୟ ପଞ୍ଚାୟତିରାଜ ଦିବସ

ଦେଶରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ବିକାଶମୂଳକ କାର୍ଯ୍ୟରେ ଭାଗିଦରୀ କରିବା ନେଇ

ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । କ୍ଷମତାର ବିକେନ୍ଦ୍ରୀକରଣ କରି ଏହାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ତଦାରଖ ପାଇଁ ୨୦୦୪ ମସିହା ମଇ ମାସ ୨୭ ତାରିଖରୁ ସ୍ୱତନ୍ତ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚାୟତିରାଜ ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଜନସାଧାରଣଙ୍କୁ ଏକ ଉନ୍ନତମାନର ଜୀବନ ଧାରଣ ଯୋଗାଇଦେବା ତଥା ଦେଶର ଗ୍ରାମାଞ୍ଚଳକୁ ତୃଣମୂଳସ୍ତରରେ ରୂପାନ୍ତରଣ କରିବା ପ୍ରକ୍ରିୟାରେ  କର୍ତ୍ତବ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

## ନାମାଙ୍କନପତ୍ର ଦାଖଲ/ପ୍ରାର୍ଥୀ ଘୋଷଣା

କଂଗ୍ରେସ ଦଳର ମାଲକାନଗିରି ବିଧାନସଭା ପ୍ରାର୍ଥୀ ମାଳା ମାଡ଼ି ଓ ଚିତ୍ରକୋଣ୍ଡା ବିଧାନସଭା ପ୍ରାର୍ଥୀ ମୁଙ୍ଗୁ ଖିଲ ଆଜି ସେମାନଙ୍କର ପ୍ରାର୍ଥୀପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ ଠାରେ ଦାଖଲ କରିଛନ୍ତି। ଏକ ଶୋଭାଯାତ୍ରାରେ ଦଳୀୟ କର୍ମୀମାନଙ୍କ ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ବିଧାନସଭା ଆସନ ପାଇଁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଅଶୋକ କୁମାର  ତ୍ରିପାଠୀଙ୍କୁ ପ୍ରାର୍ଥୀ କରାଯାଇଥିବା ଜଣାପଡ଼ିଛି ।

## ନିର୍ବାଚନ ପ୍ରଚାର

କନ୍ଧମାଳ ଜିଲ୍ଲାରେ ସବୁ ଦଳର ପ୍ରାର୍ଥୀମାନେ ଦଳ ସପକ୍ଷରେ ପ୍ରଚାର ଆରମ୍ଭ କରିଛନ୍ତି । ବିଜେଡି, ବିଜେପି ଏବଂ କଂଗ୍ରେସ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଦଳୀୟ କର୍ମୀମାନଙ୍କୁ ନେଇ ର୍‍ୟାଲି, ପଦଯାତ୍ରା ଏବଂ ଘରକୁ ଘର କ୍ୟାମ୍ପେନ ଆରମ୍ଭ କରିଛନ୍ତି । ଚଳିତ ଥର କନ୍ଧମାଳ ଜିଲ୍ଲାରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିଛି ।

ସେହିଭଳି ନୂଆପଡ଼ା ଜିଲ୍ଲାରେ ନିର୍ବାଚନ ପ୍ରଚାର ସରଗରମ ହେଉଛି । ବିଭିନ୍ନ ଦଳର ପ୍ରାର୍ଥୀମାନେ ସଚେତନତା ସଭା ଏବଂ ପଦଯାତ୍ରା ଆୟୋଜନ କରି ଭୋଟରମାନଙ୍କୁ ସେମାନଙ୍କ ସପକ୍ଷରେ ମତଦାନ କରିବା ଲାଗି ପ୍ରବର୍ତ୍ତାଉଛନ୍ତି ।  ଏହା ବ୍ୟତୀତ ପ୍ରଶାସନର ସହଯୋଗରେ ଏନ୍‌ସିସି କ୍ୟାଡେଟ୍, ଯୁବ ଭୋଟରମାନେ ପଦଯାତ୍ରାରେ ସାମିଲ ହୋଇ ଭୋଟରମାନଙ୍କୁ ସଚେତନ କରାଉଛନ୍ତି ।

## ଭୋଟ୍ ତାଲିମ ଶିବିର

ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି । ଆଗାମୀ ନିର୍ବାଚନ ନେଇ ମତଦାନ ପ୍ରକ୍ରିୟାକୁ ସରଳ ଆଉ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ତାଲିମ ଦିଆଯାଉଛି । ୫୨ ଜଣ ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀ ତାଲିମ ଶିବିରରେ ଭାଗ ନେଇ ଇଭିଏମ୍, ଭିଭିପାଟ୍ ସହିତ ଅନ୍ୟ

କେତେକ ପୁଲିଂ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଉପରେ ତଥ୍ୟ ଆହରଣ କରୁଛନ୍ତି।

## ଜଙ୍ଗଲ ନିଆଁ

କନ୍ଧମାଳ ସୀମାରେ ଥିବା କଳିଙ୍ଗାଘାଟୀ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ବନ୍ୟଜନ୍ତୁଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି। ଗଞ୍ଜାମ ଜିଲ୍ଲାରେ ଘୁମୁସୁର ବନଖଣ୍ଡ ଅଧୀନରେ ୬ କିଲୋମିଟର ରହିଛି। ଅବଶିଷ୍ଟ କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରି ବନବିଭାଗ ଅଧୀନରେ ରହିଛି। ଜଙ୍ଗଲରେ ତିନିଦିନ ଧରି ନିଆଁ ଲାଗି ରହିଥିବାବେଳେ ଏହାକୁ ରୋକିବା ପାଇଁ ଉଭୟ ଜିଲ୍ଲାର ବନବିଭାଗ ତରଫରୁ ପ୍ରୟାସ ଜାରି ରହିଛି।

ଅନ୍ୟ ଏକ ଘଟଣାରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ନିକଟ ନଳବଣଘସାରେ ନିଆଁ ଲଗାଉଥିବା ଅଭିଯୋଗରେ ଅଗ୍ନିଶମ ବିଭାଗ ତିନିଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୁଦ୍ଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିଏଫ୍ ରଶ୍ମୀ ଚୌଧୁରୀ କହିଛନ୍ତି।

## ବୃତ୍ତିଗତ ତାଲିମ ଶିକ୍ଷକ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଲୋହରାପାଲି ସରକାରୀ ଉଚ୍ଚବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ବୃତ୍ତିଗତ ବିକାଶ ତାଲିମ ଶିବିର ଚାଲିଛି। ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଶିବିରରେ ଖଡ଼ିଆଳ, ବୋଡେନ ଓ ସିନାପାଲି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଭାଗ ନେଇଛନ୍ତି। ଗତକାଲି ଠାରୁ ଆରମ୍ଭ ହୋଇଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ ଶେଷ ହେବ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ବାଲେଶ୍ୱରରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଭୁବନେଶ୍ୱରରେ ତାପମାତ୍ରା ୪୧ ଡିଗ୍ରୀ ଏବଂ ଚାନ୍ଦବାଲିରେ ତାପମାତ୍ରା ୩୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିବା ନେଇ ପାଣିପାଗ ବିଭାଗ ସୂଚନାରୁ ଜଣାପଡ଼ିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବ । କେତେକ ସ୍ଥାନରେ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ଅନୁମାନ କରାଯାଇଛି ।